# ସ୍ରଷ୍ଟା ଓ ସୃଷ୍ଟି

ସ୍ରଷ୍ଟା ହେ ତୁମେ ପଚାର କବିରେ
କବିତା କାହିଁକି ଲେଖେ
ଉତ୍ତରଇ କବି ପାଦପ କହେକି
କିଶଳୟ କିମ୍ପା ରଖେ ?
ପୂର୍ବାକାଶୁଁ ଯେବେ ଅରୁଣ ଉଅଁଇ
ବରୁଣ ନୁହେଁକି ପୂର୍ବାଶା ପ୍ରତିଛବି
ପ୍ରତୀଚୀ ଗଗନେ ସୂର୍ଯ୍ୟ ନଇଁଲେ
ଅରୁଣିତ ନୁହେଁ ପ୍ରତୀଚୀ ଗଗନ ଛବି ?
ପ୍ରେମିକାର ଓଠେ ହସ ଫୁଟାଇଲେ
ମୁଗ୍ଧ ଓଠରେ କବିତା କି ନଫୁଟଇ
ରାତ୍ରି ଅଭିସାରେ ସ୍ନିଗ୍ଧ ବାତାୟନେ
ସ୍ରଷ୍ଟା ହେ ସତେ ମଳୟକି ଛୁଏଁ ନାହିଁ ?
କମ୍ରଘାସର ସବୁଜ ମଥାନ
ପ୍ରଶ୍ନବାଚୀ କି ପୁରୋଧା ମନରେ ଆଣେ
ନୀଳଗଗନରେ ଚନ୍ଦ୍ର ଉଇଁଲେ
କେଉଁ ବରବଧୂ ରୁପେଲି ଓଢଣୀ ଟାଣେ ?
ଓଷ୍ଠ ମଦିରା କହଇ କବିହେ
ମୁଗ୍ଧ ମାନସେ ଆଙ୍କିଦିଅ ମଧୁସ୍ୱର୍ଣ
କବିତା କହଇ କବି ହେ ତୁମେ ମୋ
ଜୀବନ ପଥରେ ତରୁଣ ପ୍ରାଣ ନିର୍ଯ୍ୟାସ
ସେଇଥି ପାଇଁ କି ସାଧକ ହେ ତୁମ
ପ୍ରଶ୍ନିଳ ଆଖିରେ ପ୍ରଶ୍ନବାଚୀ ଯେ ଉଠେ
ସେଇଥି ପାଇଁକି କବିର ପ୍ରାଣରେ
କବିତାର ମଧୁ ପଲ୍ଲବେ ପ୍ରସୂନ ଫୁଟେ
ସ୍ରଷ୍ଟା ହେ ତୁମେ ଜାଣନା କି ସତେ
କବିତା କବିର ସ୍ନିଗ୍ଧ ଜୀବନ ଛନ୍ଦ
କବିତା କବିର ମାନସ ପ୍ରତିମା
ତା ବିନା ଜୀବନେ ଆସିଥାଏ ପରା ଦ୍ୱନ୍ଦ୍ୱ ।

❑❑❑